# Akashvani, Sambalpur

## SAMBALPURI NEWS BULLETIN

### 09 October 2025 – 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ସମଲେଇ ମନ୍ଦିର୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ସମ୍ବଲ୍‌ପୁରର୍ ମା ସମଲେଇ ପୀଠର୍ ବିକାଶ୍ କାମ୍‌ର ସମୀକ୍ଷା କରିଛନ୍ । ସମଲେଶ୍ୱରୀ ମନ୍ଦିର୍‌ର ବିକାଶ୍ କାମ୍‌କେ ବିଶ୍ୱସ୍ତରୀୟ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ସେନ୍ତା ପ୍ରକଳ୍ପ ଲାଗି ବିସ୍ଥାପିତ୍ ହେଉଥିବା ଲୁକ୍‌କର୍ ଠିକ୍ ଭାବେ ଥଇଥାନ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ସମ୍‌ଲେଇ ମନ୍ଦିର୍‌ର ବିକାଶ୍ କାମ୍ ୩ ଶହ ୧୬ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ୮୨ ଏକଡ଼୍ ଜାଗା ନ ୨ ଟା ଖେପେ ଚାଲିଛେ । ପହେଲା ଖେପେ କରିଡ଼ର୍ ତିଆର୍, ଗୋପାଲ୍ ଜୀଉ ମଠର୍ ବିକାଶ୍, ଦୀପଘର୍, ପାର୍କିଂ ସୁବିଧା, ରିଭର୍ ଫ୍ରଂଟ୍‌ର ବିକାଶ୍ ସହେତେ ଭକ୍ତ ମାନ୍‌କର୍ ଲାଗି ଭିନ୍ ଭିନ୍ ସୁବିଧା କରାଯାଇଛେ । ୨ ନମ୍ବର୍ ଖେପେ ଭକ୍ତନିବାସ୍ ଲେକ୍, ଜୋନ୍, ଦୁକାନ୍ ଘର୍, ଫୁଡ଼୍ ପାର୍କ, ପ୍ରବେଶ୍ ପଥର୍ ବିକଶିତ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଆଇନ୍‌ଶୃଙ୍ଖଳା ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟର୍ ଆଇନ୍ ଶୃଙ୍ଖଲା ଥିତିର୍ ସମୀକ୍ଷା କର୍‌ବାର୍ ସହେତେ ଫି’ ଇଲାକା ନ ଅସାମାଜିକ୍ ବ୍ୟକ୍ତି, ବିଶୃଙ୍ଖଲାକାରୀ ଆଉ ଅଲ୍‌ଗା ସନ୍ଦିଗ୍ଧ ମାନ୍‌କର୍ ଉପ୍‌ରେ କଡ଼ା ନଜର୍ ରଖ୍‌ବାର୍‌କେ ପୁଲିସ୍ ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍, ଶାନ୍ତିପ୍ରିୟ ରାଜ୍ୟ ଭାବେ ପରିଚିତ ଓଡ଼ିଶାର୍ ଛବି ଖରାପ୍ କର୍‌ବାର୍‌କେ ଚେରେଷ୍ଟା କରାଯାଉଛେ । ଇ ଚେରେଷ୍ଟା ବିଫଲ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପୁଲିସ୍ ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । କଟକ୍ ସହରର୍ ଥିତି ଇହାଦେ ସ୍ୱାଭାବିକ୍ ହେବାର୍‌କେ ଲାଗିଛେ । ହେଲେ ଭିଲ୍ ପୁଲିସ୍ ବିଭାଗ୍‌କେ ସତର୍କ ରହେବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଡିଏମ୍‌ଏଫ ସମୀକ୍ଷା I&PR

ରାଜ୍ୟ ଯୋଜ୍‌ନା ଆଉ ସଂଯୋଜନ ବିଭାଗ୍ ତର୍‌ଫୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ୍ ଡିଏମ୍‌ଏଫ୍‌ର କାମ୍ ଆଉ ଝାର୍‌ସୁଗୁଡ଼ା, ଅନୁଗୁଲ୍ ଆଉ ଯାଜ୍‌ପୁର୍ ଜିଲ୍ଲା ନ ଡିଏମ୍‌ଏଫ୍ ପ୍ରକଳ୍ପର୍ କାମ୍ କାଜ୍ ବାବ୍‌ଦେ

ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ଦିନ୍‌କିଆ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ପ୍ରକଳ୍ପ କାର୍ଯ୍ୟକାରିତା ଭାବେ ସମକାଳିନ ମୂଲ୍ୟାଙ୍କନର ଫଳାଫଲ୍ ଉପ୍‌ରେ ଆଲୋଚନା କରାଯାଇଥିଲା । ଖଣି ପ୍ରଭାବିତ୍ ଇଲାକାର୍ ବିକାଶ୍‌ଥି ଓଡ଼ିଶାର୍ ପ୍ରଶଂସନୀୟ ମାନଦଣ୍ଡ ହାସଲ୍ କରିଛେ ବଲି ବୈଠକ୍‌ଥି ସୂଚ୍‌ନା ଦିଆଯାଇଛେ ।  ବୈଠକ୍‌ଥି ଉନ୍ନୟନ କମିଶନର୍ ଆଉ ଅତିରକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିକରି ଖଣି ପ୍ରଭାବିତ୍ ଇଲାକାର୍ ଗାଁମାନ୍‌କେ ସୁବିଧା ସୁଯୋଗ୍ ଶହେ ପ୍ରତିଶତ୍ ସୁନିଶ୍ଚିତ୍ କର୍‌ବାର୍‌କେ ଜୋର୍ ଦେଇଛନ୍ ।

ଉତ୍କଳମଣି ଗୋପବନ୍ଧୁ ଦାସ   I&PR/ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତ୍କଳମଣି ଗୋପବନ୍ଧୁ ଦାସ୍‌ଙ୍କର୍ ଆଏଜ୍ ହେଉଛେ ଜନମ୍ ଦିନ୍ । ୧୮୭୭ ମସିହା ଅକ୍ଟୋବର୍ ୯ ତାରିଖ୍ ଦିନ ପୁରୀ ଜିଲ୍ଲାର୍ ସୁଆଣ୍ଡୋ ଗାଁ ନ ସେ ଜନମ୍ ହେଇଥିଲେ । ୧୯୨୧ ମସିହାଥି ସେ ଓଡ଼ିଶା ପ୍ରଦେଶ୍ କଂଗ୍ରେସ୍‌ର ପହେଲା ସଭାପତି ହେଇଥିଲେ । ଓଡ଼ିଶା ନ ସ୍ୱାଧୀନତା ସଂଗ୍ରାମ୍‌କେ ଚଲାବାର୍‌ଥି ନେତୃତ୍ୱ ନେଇଥିବା ଗୋପବନ୍ଧୁ ଦାସ ସାରା ଜୀବନ୍ ଓଡ଼ିଆ ଭାଷାର୍ ସୁରକ୍ଷା, ପ୍ରାକୃତିକ୍ ବିପର୍ଯ୍ୟୟକେ ସାମ୍ନା କରୁଥିବା ଓଡ଼ିଶାର୍ ଲୁକ୍‌କୁ ରିଲିଫ୍ ପୁହୁଁଚାବାର୍ ସଙ୍ଗେ ଓଡ଼ିଆ ସାମ୍ବାଦିକତା କ୍ଷେତ୍ର ନ ଅଗ୍ରଣୀ ଭୂମିକା ନେଇଥିଲେ । ତାଙ୍କର୍ ଜୟନ୍ତୀ

ଅବ୍‌ସରେ ବିଧାନ୍‌ସଭା ପରିସର୍ ନ ଆଏଜ୍ ସଖାଲର୍ ୯ ବଜେ ହେବାର୍‌କେ ଥିବା ଜୟନ୍ତୀ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଉପବାଚସ୍ପତିଙ୍କର୍ ସହେତେ ଅତିଥି ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ତମାଖୁ ମୁକ୍ତ ଯୁବ ଅଭିଯାନ          ଏନ୍‌ଏସ୍‌ଡି

କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟ ତର୍‌ଫୁ ଆଏଜ୍‌ଠାନୁ ୩ ନମ୍ବର୍ ଖେପ୍ ତମାଖୁ ମୁକ୍ତ ଯୁବ ଅଭିଯାନ୍  ମୁଲ୍ ହେବାର୍‌କେ ଯାଉଛେ । ଇ ଅବ୍‌ସରେ ସାରା ଦେଶେ ଯୁବଗୋଷ୍ଠୀଙ୍କୁ ତମାଖୁ ବେଭାର୍‌ର କୁପ୍ରଭାବ୍ ବାବ୍‌ଦେ ସଚେତନ୍ କରାଯିବା । ଇତାର୍ ସହେତେ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ବିଶ୍ୱ ଦୃଷ୍ଟି ଦିବସ          I&PR

ଆଏଜ୍ ହେଉଛେ ବିଶ୍ୱ ଦୃଷ୍ଟି ଦିବସ । ଚକ୍ଷୁ ରୋଗ ଆଉ ଦୃଷ୍ଟିଶକ୍ତି ସମସ୍ୟାର୍ ପ୍ରତିରୋଧ୍ ଆଉ ପ୍ରତିକାର୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଫି’ ବଛର୍ ଅକ୍ଟୋବର୍ ମାସର୍ ୨ ନମ୍ବର୍ ଗୁରୁବାର୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଇ ଅବ୍‌ସରେ ସ୍ୱାସ୍ଥ୍ୟ ଆଉ

ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

କାର୍ଖାନା କର୍ମଚାରୀ ସୁରକ୍ଷା କର୍ମଶାଳା I&PR

କାର୍ଖାନା ଆଉ ବାଷ୍ପିତ୍ର ନିର୍ଦ୍ଦେଶାଳୟ ତର୍ଫୁ କାର୍ଖାନାମାନ୍କେ କାମ୍ କରୁଥିବା ଶ୍ରମିକ ମାନ୍କର୍ ସୁରକ୍ଷା ଆଉ ପେଶାଦାର୍ ସ୍ୱାସ୍ଥ୍ୟ ବାବ୍ଦେ ଭୁବ୍ନେଶ୍ୱର୍ ଠାନେ ଗଲାକାଏଲ୍ ଦିନ୍କିଆ କର୍ମଶାଳା ହେଇଯାଇଛେ । କାର୍ଯ୍ୟକ୍ରମ୍ଥି  କାର୍ଖାନାମାନ୍କେ ପେଶାଦାର୍ ସ୍ୱାସ୍ଥ୍ୟର୍ ଆହ୍ୱାନ୍କେ ନେଇକରି ଶ୍ରମିକ ଆଉ ପରିଚାଳନା କର୍ତ୍ତୃପକ୍ଷ ଦାୟିତ୍ୱବାନ୍ ଆଉ ସଚେତନ୍ ହେଲେ ସୁରକ୍ଷା ସହେତେ ପେଶାଦାର୍ ସ୍ୱାସ୍ଥ୍ୟଥି ଉନ୍ନତି ଆସିପାର୍ବା ବଲି ଅତିଥିମାନେ କହିଛନ୍ ।

ଖଣ୍ଡା ଚାଳନା ପ୍ରତିଯୋଗିତା ଆର୍ଏନ୍ୟୁ/ ସମ୍ବଲପୁର

କଟକ୍ ଜବାହାର୍ଲାଲ୍ ଇନ୍ଡୋର୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ଓଡ଼ିଶା ରାଜ୍ୟ ଖଣ୍ଡା ଚାଳନା ପ୍ରତିଯୋଗିତାଥି ପହେଲା ଦିନେ ଗଲାକାଏଲ୍ ସମ୍ବଲ୍ପୁର୍କେ ସ୍ୱର୍ଣ୍ଣ ଆଉ କାଂସ୍ୟପଦକ୍ ମିଳିଛେ । ସବ୍ଜୁନିୟର୍ ବର୍ଗଥି ସମ୍ବଲପୁରର୍ ବରେଣ୍ୟା ଗୌତମୀ ବାର୍ଲା ପହେଲା ଠାନେ ରହିକରି

ସ୍ୱର୍ଣ୍ଣପଦକ୍ ଜିତିଥିଲା ବେଲ୍‌କେ ହର୍ଷିତା ନାଏକ୍ ୩ ନମ୍ବର୍ ଠାନେ ରହିକରି କାଂସ୍ୟ ପଦକ୍ ଜିତିଛନ୍ । ଇନୁ ଜିତ୍‌ଲା ଉତ୍‌ରୁ ବରେଣ୍ୟା ଜାତୀୟ ସ୍ତର୍‌ଥି ଖେଲ୍‌ବାର୍ ଲାଗି ମନୋନୀତ୍ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଆଏବାକାଏଲ୍ ଉତର୍ ବଙ୍ଗୋପ୍‌ସାଗର୍ ଆର୍ ତାର୍ ପାଖର୍ ଇଲାକା ନ ଫେର୍‌ଗୁଟେ ଘୂର୍ଣ୍ଣିବଳୟ ବନ୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ସହେତେ କେତେଟା ଜାଗା ନ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ଇ ସମିଆଥି ରାଜ୍ୟର୍ ୧୭ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ଧୁକାଗର୍ଡ଼ି ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୫ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।